# Akashvani, Sambalpur

## SAMBALPURI NEWS BULLETIN

### 14 January 2025- 6.47- 6.52 am.

*********************************************

ପ୍ରଧାନ୍‌ମନ୍ତ୍ରୀ- ଆୟୁଷ୍ମାନ୍ ଭାରତ୍ ଜନଆରୋଗ୍ୟ ପି.ଆଇ.ବି.

ରାଏଜେ ଆୟୁଷ୍ମାନ୍ ଭାରତ୍ ଜନ ଆରୋଗ୍ୟ ଯୋଜ୍‌ନା କାର୍ଯ୍ୟକାରୀ କର୍‌ବାର୍ ଲାଗି ଗଲାକାଏଲ୍ ରାଜ୍ୟ ସର୍‌କାର୍ ଆର୍ ନେସ୍‌ନାଲ୍ ହେଲ୍‌ଥ ଅଥରିଟି ଭିତ୍‌ରେ ବୁଝାମଣା ପତ୍ର ସ୍ୱାକ୍ଷରିତ୍ ହେଇଛେ । ଓଡ଼ିଶା ନ ଇ ଯୋଜ୍‌ନା କାର୍ଯ୍ୟକାରୀ କର୍‌ବାର୍ ଲାଗି ରାଜ୍ୟ ସର୍‌କାର୍ ପଦକ୍ଷେପ୍ ନେଇଥିବାର୍ ଲାଗି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଓଡ଼ିଶାବାସୀଙ୍କୁ ଅଭିନନ୍ଦନ୍ ଜନେଇଛନ୍ । ପ୍ରଧାନ୍‌ମନ୍ତ୍ରୀ କହିଛନ୍, ଆୟୁଷ୍ମାନ୍ ଭାରତ୍ ଯୋଜ୍‌ନା ଲୋକ୍‌ମାନ୍‌କୁ, ଖାସ୍ କରି ନାରୀଶକ୍ତି ଆର୍ ବରିଷ୍ଠ ନାଗରିକ୍‌ମାନ୍‌କୁ କମ୍ ପଏସାଥି ଉନ୍ନତ୍ ସ୍ୱାସ୍ଥ୍ୟସେବା ସୁନିଶ୍ଚିତ୍ କର୍‌ବା ।

ମନ୍ କି ବାତ୍ ଆର୍‌ଏନ୍‌ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୧୯ ତାରିଖ୍ ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୧୮ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।

ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍, ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର୍ ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଇଟା ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା । ସେହିଦିନ ରାତିର୍ ୮ ବଜେ ଆଂଚଲିକ୍ ଭାଷାନ୍ତରଣ୍‌ର ଫେର୍‌ଘାଏ ପ୍ରସାରଣ୍ କରାଯିବା ।

ସଂଗ୍ରାମୀ ପେନ୍‌ସନ୍ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ଦେଶେ ଜରୁରୀକାଳୀନ ପରିସ୍ଥିତିଥି ଭିନ୍ ଭିନ୍ ଜେଲ୍ ନ ବନ୍ଦୀଥିବା ଓଡ଼ିଶାର୍ ସଂଗ୍ରାମୀମାନ୍‌କୁ ମାସ୍‌କ ୨୦ ହଜାର୍ ଟଙ୍କା

ପେନ୍‌ସନ୍ ଦିଆଯିବା ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଘୋଷ୍‌ନା କରିଛନ୍ । ଇ ବାବ୍‌ଦେ ଗୃହ ବିଭାଗ୍ ତର୍‌ଫୁ ବିଜ୍ଞପ୍ତି ବାହାରିଛେ । ପେନ୍‌ସନ୍ ସହେତେ ସଂଗ୍ରାମୀମାନ୍‌କର୍ ସବୁ ପ୍ରକାର୍ ଡାକ୍ତରୀ ଖର୍ଚ୍ଚା ଭିଲ୍ ରାଜ୍ୟ ସର୍‌କାର୍ ବହନ୍ କର୍‌ବେ ।

ରାଜ୍‌ଭବନ୍ ଉଦ୍ୟାନ ଆର୍‌ଏନ୍‌ୟୁ / ସମ୍ବଲପୁର

ଭୁବ୍‌ନେଶ୍ୱର୍ ରାଜ୍‌ଭବନ୍ ଉଦ୍ୟାନ୍ ସର୍ବସାଧାରଣଙ୍କର୍ ଲାଗି ଗଲାକାଏଲ୍‌ନୁ ଖୁଲାଯାଇଛେ । ପହେଲା ଦିନେ ୩ ହଜାର୍‌ନୁ ଅଏତ୍‌କା ଲୋକ୍ ଉଦ୍ୟାନ୍ ବୁଲି ଦେଖିଥିଲେ । ଇ ଅବ୍‌ସରେ ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି ଆର୍ ତାଙ୍କର୍ ପତ୍ନୀ ଲୁକ୍‌କର୍ ସାଙ୍ଗେ ମିଶିକରି କଥାବାର୍ତ୍ତା କରିଥିଲେ । ଇନ ଜନେଇପାରେ ଯେ, ଆଏବା ୨୨ ତାରିଖ୍‌ତକ୍ ସର୍ବସାଧାରଣଙ୍କର୍ ଲାଗି ରାଜ୍‌ଭବନ୍ ଉଦ୍ୟାନ୍ ଖୁଲାରହେବା ବଲି ନିଷ୍ପତି ନିଆଯାଇଛେ ।

ମକର ସଂକ୍ରାନ୍ତି ଆର୍‌ଏନ୍‌ୟୁ ସମ୍ବଲପୁର୍

ଆଏଜ୍ ପବିତ୍ର ମକର ସଂକ୍ରାନ୍ତି । ଇ ତିଥି ନୁ ସୂର୍ଯ୍ୟ ମକର ରାଶିନ ପ୍ରବେଶ କରିକରି ଉତରାୟଣ ହେଇଥିସନ୍ । ଓଡ଼ିଶା ନ ଇ ଦିନ୍‌କେ  ମକର ସଂକ୍ରାନ୍ତି ହିସାବେ ମନାଯାଉଥିବାର୍ ବେଲେ ପଞ୍ଜାବ୍ ନ ଲୋହଡ଼ି ଆର୍ ଦକ୍ଷିଣ ଭାରତ୍ ନ ପୋଙ୍ଗଲ୍ ପରବ୍ ପାଲନ୍ କରାଯାଏସି । ଦେଶର୍ ସବୁଆଡ଼େ ଆଏଜ୍ ଲୁକେ ନଦୀ, ବନ୍ଧ ମାନ୍‌କୁ ବୁଡ଼ ପକେଇକରି ମନ୍ଦିର୍‌ମାନ୍‌କୁ ଯାଇକରି ଦେ ଦେବ୍‌ତାଙ୍କର୍ ଦର୍ଶନ୍ କର୍‌ସନ୍ ।
ପୁରୀ ଶ୍ରୀମନ୍ଦିର୍ ନ ଆଏଜ୍ ଶ୍ରୀଜୀଉମାନ୍‌କୁ ମକର ଚୂଳ ଆର୍ ମାଳ ଲାଗି କରାଯାଇକରି ଖାସ୍ ବେଶ କରାହେବା । ମହାପ୍ରଭୁଙ୍କୁ ମକର ଚାଉଳ ଆର୍ ଧନୁମୁଆଁ ଭୋଗ୍ ଲଗାଯିବା ।

ଓଏସ୍‌ଏସ୍‌ଟିଇଟି            ଆର୍‌ଏନ୍‌ୟୁ / ସମ୍ବଲପୁର

ଓଡ଼ିଶା ମାଧ୍ୟମିକ୍ ଶିକ୍ଷା ପରିଷଦ୍ ଦ୍ୱାରା ପରିଚାଳିତ୍ ଓଡ଼ିଶା ସେକେଣ୍ଡରୀ ସ୍କୁଲ୍ ଶିକ୍ଷକ୍ ଯୋଗ୍ୟତା ପରୀକ୍ଷା- ଓଏସ୍‌ଏସ୍‌ଟିଇଟି ଆଏବା ୧୭ ତାରିଖ୍ ହେବା । ପରୀକ୍ଷା ଲାଗି ବୋର୍ଡ଼ ତର୍‌ଫୁ ଥିର୍ ହେଇଥିବା ଶହେ ୮୩ ଟା କେନ୍ଦ୍ରକେ ଆଏଜ୍‌ନୁ ପ୍ରଶ୍ନ ପଠାଯିବା । ଇ ପରୀକ୍ଷା ଲାଗି ୨ ଟା ପେପର୍‌ଥି ୫୦ ହଜାର୍ ୫ ଶହ ୮୭ ଝନ୍ ପରୀକ୍ଷାର୍ଥୀ ଆବେଦନ୍ କରିଛନ୍ ।

ୟୁଜିସି ନେଟ୍ ଆର୍ଏନ୍ୟୁ /ସମ୍ବଲପୁର

ନେସ୍ନାଲ୍ ଟେଷ୍ଟିଂ ଏଜେନ୍ସି- ଏନ୍ଟିଏର ୟୁଜିସି ନେଟ୍ ଡିସେମ୍ବର୍ ୨୦୨୪ର ଆଏବା କାଏଲ୍ ହେବାର୍କେ ଥିବାର୍ ପରୀକ୍ଷାକେ ସ୍ଥଗିତ୍ ରଖାଯାଇଛେ । ଦେଶେ ପୋଙ୍ଗଲ୍ ଆଉ ମକର୍ସଂକ୍ରାନ୍ତି ବାଗିର୍ ତିହାର୍ ଥିବାର୍ନୁ ଇତାକେ ଘୁଁଚାଯାଇଥିବାର୍ ଜନାପଡ଼ିଛେ । ସେଆଡ଼େ ୧୬ ତାରିଖ୍ର ପରୀକ୍ଷା ଧାରିଜ୍ କାର୍ଯ୍ୟସୂଚୀ ଅନ୍ସାରେ ହେବା ।

ଧନୁଯାତ୍ରା- ଶେଷ୍ ବର୍ଗଡ଼୍ ସମ୍ବାଦଦାତା

ବର୍ଗଡ଼୍ ନ ୧୧ ଦିନ୍ ଧରି ଚାଲିଥିବା ବିଶ୍ୱପ୍ରସିଦ୍ଧ ଧନୁଯାତ୍ରା ମହୋତ୍ସବ ଗଲା କାଏଲ୍ ଶେଷ୍ ହେଇଛେ । କୁବଳୟା ବଧ, ଅଷ୍ଟମଲ୍ଲ ବଧ, ଶିବଧନୁ ଭଗ୍ନ, କଂସବଧ ଆଉ ଉଗ୍ରସେନଙ୍କର ରାଜ୍ୟାଭିଷେକ ଦୃଶ୍ୟ ଗଲାକାଏଲ କରାଯାଇଥିଲା । ସୁନ୍ଦର କରି ସଜାଯାଇଥିବା ରଥଥି କୃଷ୍ଣ-ବଳରାମ ମଥୁରା ନଗରୀ ବରଗଡ଼ ସହର ପରିକ୍ରମା କରିଥିଲେ । ମଥୁରାବାସୀ କୃଷ୍ଣ-ବଳରାମଙ୍କୁ ଭିନ୍ ଭିନ୍ ଜାଗାନ ସ୍ୱାଗତ କରିକରି ପୂଜାର୍ଚ୍ଚନା କରିଥିଲେ ।

ଯାତ୍ରାର୍ ଶେଷ୍ ଦିନ ବରଗଡ଼ ନ ଖୋବ୍ ଲୋକ୍କର ଭିଡ଼୍ ହେଇଥିଲା । ଯାତ୍ରା ଉତ୍ରୁ କଂସ ଭୂମିକାଥି  ଅଭିନୟ କରୁଥିବା ଭୁବନେଶ୍ୱର୍ ପ୍ରଧାନ୍ ଆଏଜ୍ ପୁରୀ ମହୋଦଧି ଆଉର୍ ଅଲ୍ଗା କଲାକାରମାନେ ନୃସିଂହନାଥ ଯାଇ କରି ଗୋକୁଣ୍ଡ ଘାଟ୍ ନ ସ୍ନାନ କର୍ବେ ।

ସମ୍ବଲ୍ପୁରୀ ଧନୁଯାତ୍ରା            ଆର୍ଏନ୍ୟୁ /ସମ୍ବଲପୁର

ସମ୍ବଲ୍ପୁର୍ ଠାନେ ଆଏବା କାଏଲ୍ ମୁଲ୍ ହେବା ୨ ନମ୍ବର୍ ସମ୍ବଲ୍ପୁରୀ ଧନୁଯାତ୍ରା । ୫ ଦିନ୍ ଧରିକରି ହେବାର୍କେ ଥିବା ଇ ଧନୁଯାତ୍ରାଥି କଂସ ଦର୍ବାର୍, ରଙ୍ଗସଭା ହେବାର୍ ସହେତେ ଭିନ୍ ଭିନ୍ କ୍ଷେତ୍ର ନ ସଫଲତା ପାଇଥିବା ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ୍ କର୍ବାର୍ କାର୍ଯ୍ୟକ୍ରମ୍ ରହିଛେ । ଗଙ୍ଗାଧର୍ ମଣ୍ଡପ୍କେ କଂସ ଦର୍ବାର୍ ଆର୍ ଚାଉଁର୍ପୁର୍କେ ଗୋପପୁର୍ ଭାବେ ପ୍ରସ୍ତୁତ୍ କରାଯାଇଛେ ।

କନ୍ୟା ପାଇଁ ଚାରା କାର୍ଯ୍ୟକ୍ରମ୍        ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା କୋମ୍‌ନା ବ୍ଲକ୍ ଭେଲା ଗାଁ ନ କନ୍ୟା ପାଇଁ ଚାରା କାର୍ଯ୍ୟକ୍ରମ୍ ମୁଲ୍ ହେଇଛେ । ଜିଲ୍ଲାପାଲ୍ ମଧୁସୂଦନ୍ ଦାସ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଇତାକେ ମୁଲ୍ କରିଛନ୍ । ଜିଲ୍ଲା ନ ଜନମ୍ ହେଇଥିବା ଟୁକେଲ୍ ଛୁଆକର୍ ଉଦ୍ଦେଶ୍ୟ ଗୁଟେ ଗଛ୍ ଲଗାଯିବା ।

ହକି ଇଣ୍ଡିଆ ଲିଗ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ହକି ଇଣ୍ଡିଆ ଲିଗ୍ ନ ଆଏଜ୍ ରାଉର୍‌କେଲା ବିର୍ସାମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡ଼ିୟମ୍ ଠାନେ ଟିମ୍ ଗୋନାସିକା ଆଉ ସୁର୍‌ମା ହକି କ୍ଲବ୍ ଭିତ୍‌ରେ ମେଚ୍ ହେବା । ରାତିର୍ ୮ ବାଜିକରି ୧୫ ମିନିଟ୍‌ଥି ଖେଲ୍ ମୁଲ୍ ହେବା ।

ଗଲାକାଏଲ୍ ତାମିଲନାଡୁ ଡ୍ରାଗନ୍ସ - ଦିଲ୍ଲୀ ଏସ୍‌ଜି ପାଇପର୍ସ ଦଲ୍‌କେ ୩-୨ ଗୋଲ୍‌ଥି ହରେଇଛେ । ସେଆଡ଼େ ମହିଲା ହକି ଇଣ୍ଡିଆ ଲିଗ୍‌ର ୨ ନମ୍ବର୍ ମେଚ୍‌ଥି ସୁର୍‌ମା ହକି କ୍ଲବ୍ ସ୍ରାଚୀ ରାହା ବେଙ୍ଗଲ୍ ଟାଇଗର୍ସକେ ୪-୧ ଗୋଲ୍‌ଥି ହରେଇଛେ ।